# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 30 November – 2025

*******************************

## ମୁଖ୍ୟ ସମ୍ବାଦ

- ଭାରତର ନୂତନ ଚିନ୍ତାଧାରା, ନବସୃଜନ ଏବଂ ଯୁବଶକ୍ତିର ସାମର୍ଥ୍ୟ ସଫଳତାର ସହ ବିଭିନ୍ନ କ୍ଷେତ୍ରରେ ପ୍ରତିଫଳିତ ହେଉଛି କହିଲେ ପ୍ରଧାନମନ୍ତ୍ରୀ ।

- ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ କଲେ ଭାବ ବିନିମୟ ।

  – ପାରମ୍ପରିକ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ଦେଲେ ଆହ୍ୱାନ ।

- ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ : ଆଜି ଅନୁଷ୍ଠିତ ହେଲା ସର୍ବଦଳୀୟ ବୈଠକ ।

ଏବଂ

- ରାଜ୍ୟର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ତୈଳ ବୋର୍ଡ ଲଗାଇବା ପାଇଁ ସରକାରଙ୍କ ନିର୍ଦ୍ଦେଶ ।

# ମନ୍ କି ବାତ୍

ଭାରତର ନୂତନ ଚିନ୍ତାଧାରା ନବସୃଜନ ଏବଂ ଯୁବଶକ୍ତିର ସାମର୍ଥ୍ୟ ସଫଳତାର ସହ ବିଭିନ୍ନ କ୍ଷେତ୍ରରେ ପ୍ରତିଫଳିତ ହେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ରୀ ମୋଦୀ କହିଛନ୍ତି। ଆକାଶବାଣୀର ‘ମନ୍ କି ବାତ୍’ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ହାଇଦ୍ରାବାଦରେ ବିଶ୍ୱର ସର୍ବବୃହତ୍ ଲିପ୍ ଇଞ୍ଜିନ୍ ଏମ୍ଆର୍ଓ ସୁବିଧାର ଉଦ୍‌ଘାଟନ, ଭାରତୀୟ ନୌସେନାରେ ଆଇଏନ୍ଏସ୍ ମାହେ ସାମିଲ ହେବା ତଥା ସ୍କାଇରୁଟ୍ ଇନ୍‌ଫିନିଟି କ୍ୟାମ୍ପସର ଉଦ୍‌ଘାଟନ ଦେଶର ବିକାଶର ପ୍ରତୀକ। କୃଷିକ୍ଷେତ୍ରରେ ମଧ୍ଯ ଦେଶ ରେକର୍ଡ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ କରି ମାଇଲଖୁଣ୍ଟ ସ୍ଥାପନ କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଜି-୨୦ ଶିଖର ସମ୍ମିଳନୀରେ ଭୋକାଲ୍ ଫର ଲୋକାଲ୍ ଅଭିଯାନର ପ୍ରତିଛବି ଦେଖିବାକୁ ମିଳିଥିଲା। ଦେଶବାସୀଙ୍କ ସ୍ୱଦେଶୀ ସାମଗ୍ରୀ ପ୍ରତି ଆଗ୍ରହ ଓ ଉତ୍ସାହ ବୃଦ୍ଧି ପାଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

## - V/O -

କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ

ଭାରତ ମନୋନୀତ ହେବା ସମସ୍ତଙ୍କ ପାଇଁ ଗୌରବର ବିଷୟ। ଏହି ସଫଳତା ଦେଶ ଏବଂ ଦେଶବାସୀଙ୍କର। ପ୍ରଧାନମନ୍ତ୍ରୀ କହିଛନ୍ତି ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଭଗବାନ୍ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ, ଅଯୋଧ୍ୟାରେ ଶ୍ରୀରାମଲାଲା ମନ୍ଦିରରେ ଧ୍ୱଜାରୋହଣ ତଥା କୁରୁକ୍ଷେତ୍ରର ଜ୍ୟୋତିସରରେ ପଞ୍ଚଜନ୍ୟ ସ୍ମାରକୀ ଉଦ୍‌ଘାଟନ ଭଳି ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଶ୍ରୀ ମୋଦୀ କହିଛନ୍ତି ଭାରତୀୟ ନୌସେନାରେ ଆଇଏନ୍‌ଏସ୍ ମାହେ ସାମିଲ ହେବାଦ୍ୱାରା ଦେଶର ସୁରକ୍ଷା ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ।

## - V/O -

ପ୍ରଧାନମନ୍ତ୍ରୀ 'ମନ୍ କି ବାତ୍'ରେ ପାରମ୍ପରିକ କୃଷିକୁ ପ୍ରୋତ୍ସାହନ ଦେବାପାଇଁ ଚାଷୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ପ୍ରାକୃତିକ କୃଷି ଦେଶର ପ୍ରାଚୀନ ପରମ୍ପରାର ଏକ ଅଂଶବିଶେଷ।

## - V/O -

ପ୍ରଧାନମନ୍ତ୍ରୀ କୁରୁକ୍ଷେତ୍ରର ବ୍ରହ୍ମସରୋବରରେ ଆୟୋଜିତ ଅନ୍ତର୍ଜାତୀୟ ଗୀତା ମହୋତ୍ସବ ବିଷୟରେ ମଧ୍ୟ ଆଲୋକପାତ କରିଛନ୍ତି। ଇସ୍ରୋ ପକ୍ଷରୁ ଆୟୋଜିତ ଡ୍ରୋନ୍ ପ୍ରତିଯୋଗିତା ସମ୍ପର୍କରେ ଶ୍ରୀ ମୋଦୀ କହିଛନ୍ତି ଯୁବପିଢ଼ୀଙ୍କ ପାଇଁ ସମର୍ପିତ ଏହି ପଦକ୍ଷେପ ବିକଶିତ ଭାରତର ସ୍ୱପ୍ନକୁ

ସାକାର କରିବାରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। 'ମନ୍ କି ବାତ୍'ରେ ଦେଶ ମହୁ ଉତ୍ପାଦନରେ ନୂତନ ରେକର୍ଡ ସ୍ଥାପନ କରିଥିବା ଶ୍ରୀ ମୋଦୀ କହିଛନ୍ତି। ଗତ ୧୧ ବର୍ଷ ମଧ୍ୟରେ ଦେଶରେ ମହୁ ଉତ୍ପାଦନ ପ୍ରାୟ ଦ୍ୱିଗୁଣିତ ହୋଇଛି। ତେବେ କିଛି ବର୍ଷ ମଧ୍ୟରେ ମହୁ ରପ୍ତାନୀ ତିନିଗୁଣରୁ ଅଧିକ ବୃଦ୍ଧି ପାଇବା ସହ 'ମଧୁ ମିଶନ' କାର୍ଯ୍ୟକ୍ରମରେ ମହୁଚାଷୀଙ୍କ ଆର୍ଥିକ ଉନ୍ନତି ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

HS

## ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶନାମା

ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିରେ ଯୋଗ୍ୟ ବିବେଚିତ ଭୂମିହୀନ ପରିବାରକୁ ତୁରନ୍ତ ଘର ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯୋଗ୍ୟ ଭୂମିହୀନ ଗ୍ରାମାଞ୍ଚଳ ପରିବାର ତଥା ହିତାଧିକାରୀଙ୍କୁ ପ୍ରାଥମିକତା ଭିତ୍ତିରେ ଘର ଯୋଗାଇବା ପାଇଁ ପଞ୍ଚାୟତିରାଜ ବିଭାଗ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛି। ଭୂମିହୀନ ସମସ୍ୟାର ସମାଧାନ ପାଇଁ ପ୍ରତି ମାସର ପ୍ରଥମ ଶନିବାର ବିଡିଓ ଏବଂ ସମ୍ପୃକ୍ତ ତହସିଲଦାରଙ୍କ ସହିତ ଏକ ମିଳିତ ବୈଠକ କରିବାକୁ କୁହାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତୁରନ୍ତ ଘର ଯୋଗାଇଦେବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

GNR

# ସଂସଦ-ଶୀତକାଳୀନ ଅଧିବେଶନ

ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହାପୂର୍ବରୁ ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କ ସମେତ କଂଗ୍ରେସ ନେତା ଗୌରବ ଗୋଗୋଇ, ଡିଏମ୍‌କେ ନେତା ତିରୁଚି ଶିବା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ୧୫ଟି କାର୍ଯ୍ୟଦିବସ ରହିଛି।

Desk

# ତେଲ ବୋର୍ଡ

ରାଜ୍ୟରେ ଥିବା ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଶିଶୁ ଯତ୍ନ କେନ୍ଦ୍ରରେ ଖାଇବା ତେଲ ବୋର୍ଡ ଲାଗିବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ସମସ୍ତ ଜିଲ୍ଲାପାଳମାନଙ୍କୁ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। କେଉଁ ଖାଦ୍ୟରେ କେତେ ମାତ୍ରାରେ ତେଲ ରହିଛି ତାହା ଦର୍ଶାଇବାକୁ ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଉଭୟ ଓଡ଼ିଆ ଏବଂ ଇଂରାଜୀରେ ବୋର୍ଡ ଲଗାଇବା ପାଇଁ ନିର୍ଦ୍ଦେଶ ରହିଥିବାବେଳେ ଛଣା ଖାଦ୍ୟରେ କେତେ ତେଲ ବ୍ୟବହାର କରାଯାଇଛି ତାହା ଦର୍ଶାଇବାକୁ କୁହାଯାଇଛି।

HS

# ଖଣି ଖନନ

ରାଜ୍ୟ ସରକାର ବେଆଇନ ଖଣି ଖନନ ଓ ବାଣିଜ୍ୟ, ପରିବହନ ଏବଂ ସଂରକ୍ଷଣ ରୋକିବାକୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିଛନ୍ତି । ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ଜାରି ହୋଇଥିବା ଏହି ସ୍ୱତନ୍ତ୍ର ମାର୍ଗଦର୍ଶିକାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଖଣି ଏବଂ ପରିବହନ କାର୍ଯ୍ୟକଳାପର ପ୍ରକୃତ ସମୟ ମନିଟରିଂ ଏବଂ ରେକର୍ଡିଂ, ସ୍ୱୟଂଚାଳିତ ନମ୍ବର ପ୍ଲେଟ୍ ଚିହ୍ନଟ, ଫେସ୍ ରିଡିଙ୍ଗ ବା ଯାନର ଗତି ଚିହ୍ନଟ ପାଇଁ ଏଆଇ କ୍ୟାମେରା ଲଗାଯିବ । ଖୁବ୍‌ଶୀଘ୍ର ଡିଜିଟାଲ ଚେକ୍‌ପୋଷ୍ଟ ନିର୍ମାଣ କରାଯିବ ଏବଂ ଖଣିଜପଦାର୍ଥ ପରିବହନର ତଦାରଖ ଏବଂ ନିୟନ୍ତ୍ରଣ ପାଇଁ ଡିଜିଟାଲ ଚେକ୍‌ପଏଣ୍ଟ କରାଯିବ ବୋଲି ବିଭାଗ ପକ୍ଷରୁ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି ।

Bhadrak

# ପଞ୍ଚାୟତ କାର୍ଯ୍ୟାଳୟ ଶିଳାନ୍ୟାସ

ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଭଦ୍ରକ ଜିଲ୍ଲାର ତିହିଡ଼ି ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତର ନୂତନ କାର୍ଯ୍ୟାଳୟର ଶିଳାନ୍ୟାସ କରିଛନ୍ତି । ମନ୍ତ୍ରୀ କହିଛନ୍ତି ସରକାର ପଞ୍ଚାୟତର ବିକାଶ ପାଇଁ ବିଭିନ୍ନ

ଉନ୍ନୟନମୂଳକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହିସବୁ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ସୁରଜ କହିଛନ୍ତି ।

Ganjam

## ଲକ୍ଷପତି ଦିଦିଙ୍କ ହାଇଦ୍ରାବାଦ ଗସ୍ତ

କେନ୍ଦ୍ର ସରକାରଙ୍କ ଲକ୍ଷପତି ଦିଦି ଯୋଜନା ଅଧିନରେ ହାଇଦ୍ରାବାଦଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ଛତ୍ରପୁର ବ୍ଲକରୁ ୨୦ ଜଣ ଲକ୍ଷପତି ଦିଦି ଆଜି ହାଇଦ୍ରାବାଦ ଯାତ୍ରା କରିଛନ୍ତି । ଆସନ୍ତାକାଲିଠାରୁ ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ଚାଲିବ। ପ୍ରଶିକ୍ଷଣ ନେଇ ଫେରିବା ପରେ ସେମାନଙ୍କୁ ନେଇ ପ୍ରଶାସନ ପକ୍ଷରୁ ଏକ ପ୍ରକଳ୍ପ ମାଧ୍ୟମରେ ସ୍ୱାବଲମ୍ବୀ କରାଯିବ। ଯାହାଦ୍ୱାରା ସେମାନେ ଲକ୍ଷପତି ଦିଦିରୁ କୋଟିପତି ଦିଦି ହୋଇପାରିବେ ବୋଲି ଛତ୍ରପୁର ବ୍ଲକ ପ୍ରକଳ୍ପ ସଂଯୋଜିକା ମାନିନୀ ଜେନା କହିଛନ୍ତି ।

Desk

## ମାଟ୍ରିକ୍ ପରବର୍ତ୍ତୀ ଛାତ୍ରୀବୃତ୍ତି

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଛାତ୍ରଛାତ୍ରୀଙ୍କ ଲାଗି ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଆବେଦନର

ସମୟସୀମାକୁ ବୃଦ୍ଧି କରାଯାଇଛି। ପରିବର୍ଦ୍ଧିତ ସମୟସୀମା ଅନୁଯାୟୀ ଛାତ୍ରଛାତ୍ରୀଙ୍କ ପାଇଁ www.scholarship.odisha.gov.in ପୋର୍ଟାଲ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଖୋଲାରହିବ। ସେଭଳି ଶିକ୍ଷାନୁଷ୍ଠାନ ସ୍ତରରେ ୧୫ ଜାନୁୟାରୀ ଏବଂ ଜିଲ୍ଲାସ୍ତରରେ ଏହି ପୋର୍ଟାଲ ୩୧ ଜାନୁୟାରୀ ପର୍ଯ୍ୟନ୍ତ ଖୋଲାରହିବ।

Bhadrak

## ସହଭାଗିତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଧାମରା ସାମୁଦ୍ରିକ ଥାନାରେ ମତ୍ସ୍ୟଜୀବୀ ଓ ପୋଲିସ୍‌ଙ୍କ ମଧ୍ୟରେ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ଯୋଗଦେଇ ସାଧାରଣ ଜନତା ଓ ପୋଲିସ ମଧ୍ୟରେ ସମ୍ପର୍କ ନିକଟତର ହେବାସହ ସମନ୍ୱୟ ରହିବା ଆବଶ୍ୟକ ବୋଲି କହିଥିଲେ। ଏଥିରେ ସାମୁଦ୍ରିକ ଥାନା ଅଧିକାରୀ, ସରପଞ୍ଚ, ମତ୍ସ୍ୟଜୀବୀ ସଂଘ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

Puri

## ୧୫ତମ ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବ

ଅର୍କକ୍ଷେତ୍ର କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଆସନ୍ତାକାଲିଠାରୁ ପାଞ୍ଚଦିନ ବ୍ୟାପୀ ଭାରତୀୟ ଶାସ୍ତ୍ରୀୟ ନୃତ୍ୟର ମହାକୁମ୍ଭ ୩୬ତମ କୋଣାର୍କ ଉତ୍ସବ ଏବଂ ଚନ୍ଦ୍ରଭାଗା ବେଳାଭୂମିରେ ୧୫ତମ ଆନ୍ତର୍ଜାତୀୟ ବାଲୁକା

କଳା ଉତ୍ସବ ଆରମ୍ଭ ହେବ । ଏ ନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ।

ସଙ୍ଗୀତ ଏବଂ ନୃତ୍ୟର ସମାହାରରେ ଯୋଗଦେବାକୁ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ଶିଳ୍ପୀମାନଙ୍କର ଆଗମନ ହେଉଛି । ଚଳିତବର୍ଷ ଜାପାନ, ଋଷିଆ, ସ୍ପେନ, ପର୍ତ୍ତୁଗାଲ, ଶ୍ରୀଲଙ୍କା ଆଦି ଦେଶ ସମେତ ଭାରତର ବିଭିନ୍ନ ରାଜ୍ୟର ୩୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ଶତାଧିକ ଶିଳ୍ପୀ ସେମାନଙ୍କର ବାଲୁକା କଳା ପ୍ରଦର୍ଶନ କରିବେ । ଏଥିସହ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ମଧ୍ୟ ଅନୁଷ୍ଠିତ ହେବ । ମୁକ୍ତାକାଶ ରଙ୍ଗମଞ୍ଚରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ଦେଖିବା ଲାଗି ଦର୍ଶକମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

Nabarangpur

## ମଣ୍ଡେଇ-୨୦୨୫

ନବରଙ୍ଗପୁର ଜିଲ୍ଲା ମହୋତ୍ସବ 'ମଣ୍ଡେଇ-୨୦୨୫' ଅବସରରେ ଆଜି କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଡକ୍ଟର ମହେଶ୍ୱର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରବାନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କବିତା ପାଠୋତ୍ସବରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ ।